# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**06th May - 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ଦେଶର ବେସାମରିକ ସଂସ୍ଥାଗୁଡ଼ିକର ସୁରକ୍ଷା ପ୍ରସ୍ତୁତି ନେଇ ଆସନ୍ତାକାଲି ଦେଶବ୍ୟାପୀ ଅନୁଷ୍ଠିତ ହେବ ମକ୍‌ଡ୍ରିଲ୍

— ରାଜ୍ୟର ୧୨ଟି ଜିଲ୍ଲାରେ ହେବ ସୁରକ୍ଷା ଅଭ୍ୟାସ

- ଦୀଘା ଜଗନ୍ନାଥ ମନ୍ଦିର ପାଇଁ 'ଧାମ' ଶବ୍ଦ ବ୍ୟବହାର କରାଯିବା ଉଚିତ୍ ନୁହେଁ; କହିଲେ ଜ୍ୟୋତିର୍ମଠ ଶଙ୍କରାଚାର୍ଯ୍ୟ

- ପୁରୀ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ

ଏବଂ

- 'ସମସ୍ତଙ୍କ ପାଇଁ ଶ୍ୱାସ ଉପଚାର ଉପଲବ୍ଧ କରାଇବା' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଶ୍ୱାସ ରୋଗ ଦିବସ

# ସିଭିଲ୍ ଡିଫେନ୍ସ-ମକ୍ ଡ୍ରିଲ୍

ଦେଶର ବେସାମରିକ ସଂସ୍ଥାର ସୁରକ୍ଷା ପ୍ରସ୍ତୁତି ନେଇ ସମୀକ୍ଷା କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ଦେଶବ୍ୟାପୀ ମକ୍‌ଡ୍ରିଲ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ଆଜି ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କ ସହ ଦିଲ୍ଲୀଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତାକାଲି ହେବାକୁ ଥିବା ମକ୍‌ଡ୍ରିଲ୍ ସମ୍ପର୍କରେ ଆଲୋଚନା କରାଯାଇଛି । ଦେଶର ୨୪୪ଟି ତାଲିକାଭୁକ୍ତ ବେସାମରିକ ସୁରକ୍ଷା ଜିଲ୍ଲାରେ ତୃଣମୂଳ ସ୍ତର ପର୍ଯ୍ୟନ୍ତ ଏହି ମକ୍‌ଡ୍ରିଲ୍ ଆୟୋଜନ କରିବାକୁ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ଓଡ଼ିଶାର ୧୨ଟି ଜିଲ୍ଲାରେ ମକ୍ ଡ୍ରିଲ୍ ହେବ । ମକ୍‌ଡ୍ରିଲ୍‌ର ପ୍ରସ୍ତୁତି ସମ୍ପର୍କରେ ରାଜ୍ର ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀ କହିଛନ୍ତି, ଆସନ୍ତାକାଲିଠାରୁ ପର୍ଯ୍ୟାୟ କ୍ରମେ ସପ୍ତାହେ ବ୍ୟାପୀ ଏହି ମକ୍‌ଡ୍ରିଲ୍ ଚାଲିବ....

**-V/O-***(Sudhansu Sarangi)*

ମକ୍‌ଡ୍ରିଲ୍ ସମ୍ପର୍କରେ ଓଡସମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର କହିଛନ୍ତି, ଏଥିରେ ସାଧାରଣ ନାଗରିକଙ୍କ ସମେତ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସାମିଲ କରାଯିବ।

ଶତ୍ରୁ ପକ୍ଷ ଆକ୍ରମଣ ସମୟରେ ନାଗରିକ ସୁରକ୍ଷା ଦିଗ ଉପରେ ପଦକ୍ଷେପ ନେବା ସହ ସାଧାରଣ ଜନତା ଏବଂ ଛାତ୍ରଛାତ୍ରୀଙ୍କୁ ଏ ନେଇ ପ୍ରଶିକ୍ଷଣ ପ୍ରଦାନ କରିବା ଏହି ମକ୍‌ଡ୍ରିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ।

## ଦୀଘା ଜଗନ୍ନାଥ ମନ୍ଦିର

ଦୀଘା ଜଗନ୍ନାଥ ମନ୍ଦିର ପ୍ରସଙ୍ଗରେ ଉତ୍ତରାଖଣ୍ଡ ଜ୍ୟୋତିର୍ମଠର ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀ କହିଛନ୍ତି, ପ୍ରଭୁ ଶ୍ରୀଜଗନ୍ନାଥଙ୍କର କେବଳ ଗୋଟିଏ ଧାମ ରହିଛି, ଯାହା ପୁରୀରେ ଅବସ୍ଥିତ। ଦୀଘା ଜଗନ୍ନାଥ ମନ୍ଦିର ପାଇଁ ଧାମ ଶବ୍ଦ ବ୍ୟବହାର କରାଯିବା ଉଚିତ୍ ନୁହେଁ ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି।

ଏହି ପ୍ରସଙ୍ଗରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅନୁରୋଧ କରିଛନ୍ତି।

ସୂଚନା ଅନୁସାରେ, ଗତକାଲି ଗଜପତି ମହାରାଜ ଦିବ୍ୟସିଂହଦେବ ମୁକ୍ତିମଣ୍ଡପ ପଣ୍ଡିତ ସଭାର ମତାମତ ଲୋଡିବା ପରେ ଏକ ପ୍ରେସ୍ ବାର୍ତ୍ତାରେ କହିଥିଲେ, ପୁରୀ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହଙ୍କର ଶାସ୍ତ୍ରୀୟ ଅନୁସାରେ ପ୍ରତିଷ୍ଠା ହୋଇଥିଲେ ମଧ୍ୟ ତାହା ଜଗନ୍ନାଥଧାମ, ଶ୍ରୀ

ପୁରୁଷୋତ୍ତମକ୍ଷେତ୍ର, ଶ୍ରୀକ୍ଷେତ୍ର କିମ୍ବା ନୀଳାଚଳଧାମ ଭାବେ ନାମିତ କରାଯାଇପାରିବ ନାହିଁ।

## ରାଜସ୍ୱ ଗ୍ରାମ

ରାଜ୍ୟରେ ଆସନ୍ତା ଜୁଲାଇ ମାସ ଶେଷ ସୁଦ୍ଧା ସମସ୍ତ ପ୍ରସ୍ତାବିତ ନୂତନ ରାଜସ୍ୱ ଗ୍ରାମ ଘୋଷଣା ଏବଂ ପ୍ରକ୍ରିୟା ଶେଷ କରିବାକୁ ବିଭାଗ ଉଦ୍ୟମ କରୁଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ନୂତନ ରାଜସ୍ୱ ଗ୍ରାମ ସୃଷ୍ଟି, ପଂଚାୟତକୁ ବିଭାଜନ, ବ୍ଲକ୍ ଓ ଉପଖଣ୍ଡ ସୀମା ନିର୍ଦ୍ଧାରଣ ଜନଗଣନା ପୂର୍ବରୁ ଶେଷ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଶାସନିକ ସୀମା ନିର୍ଦ୍ଧାରଣ ସମ୍ପର୍କରେ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୫୦ ଜନସଂଖ୍ୟାବିଶିଷ୍ଟ ପଡାଗାଁ ଓ ୫୦୦ ମିଟର ଦୂରରେ ଥିବା ପଡାଗାଁକୁ ରାଜସ୍ୱ ଗ୍ରାମକୁ ପରିବର୍ତ୍ତନ କରିବାର ମାନଦଣ୍ଡ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି।

## ବିମାନବନ୍ଦର

ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ପ୍ରସ୍ତାବକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ବିଶ୍ୱପ୍ରସିଦ୍ଧ ଧାର୍ମିକ ପର୍ଯ୍ୟଟନକ୍ଷେତ୍ର ରୂପେ ଦେଶ ତଥା ବିଶ୍ୱର ଲକ୍ଷ ଲକ୍ଷ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ।

ପୁରୀଠାରେ ବିମାନ ବନ୍ଦର ପ୍ରତିଷ୍ଠା କରିବାର ନିଷ୍ପତ୍ତି ଏହି ଅଂଚଳର ଧାର୍ମିକ ପର୍ଯ୍ୟଟନ, ଆଂଚଳିକ ବିକାଶ ଏବଂ ସାମଗ୍ରୀକ ଯୋଗାଯୋଗକୁ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିପାଇଁ ସମୁଦ୍ରକୂଳ ନିକଟ ସିପ-ସରୁବାଲି ଓ ଷଣ୍ଢପୁର ରାଜସ୍ୱ ମୌଜାରେ ରାଜ୍ୟ ସରକାର ୧ ହଜାର ୧୬୪ ଏକର ଜମି ଚିହ୍ନଟ କରିଛନ୍ତି।

ନୂଆ ବିମାନ ବନ୍ଦର ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ ମିଳିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ  କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁଙ୍କୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଏହି ବିମାନ ବନ୍ଦର ଦ୍ୱାରା ଓଡ଼ିଶାରେ ଆଧ୍ୟାତ୍ମିକ ପର୍ଯ୍ୟଟନ, ଆଞ୍ଚଳିକ ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ଉନ୍ନତି ଆସିବ।

ପୁରୀ ବିମାନ ବନ୍ଦରକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିବା ପରେ ଆଗାମୀ ଦିନରେ ଅଧିକ ସଂଖ୍ୟକ ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟକ ରାଜ୍ୟକୁ ଆସିବାର ସୁଯୋଗ ପାଇବେ ଓ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଛନ୍ତି।

## ପୁରୀରେ ଏନ୍‌ଏସ୍‌ଜି ଟିମ୍

ଜାତୀୟ ସୁରକ୍ଷା ଏଜେନ୍ସି-ଏନ୍‌ଏସ୍‌ଜିର ସ୍ୱତନ୍ତ୍ର ଟିମ୍ ଆଜି ପୁରୀ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ସମୀକ୍ଷା କରିଛନ୍ତି। ଏହି ଟିମ୍ ଶ୍ରୀମନ୍ଦିର ଭିତର ଓ ବାହାରେ

ସୁରକ୍ଷା ବ୍ୟବସ୍ଥାର ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ଗତକାଲି ଏହି ଟିମ୍ ପ୍ରାୟ ଦେଢ଼ ଘଣ୍ଟା ଧରି ଶ୍ରୀମନ୍ଦିର ପ୍ରଶାସକଙ୍କ ସହ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଜାତୀୟ ସୁରକ୍ଷା ଏଜେନ୍ସିର ଏହି ଗସ୍ତ ଓ ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ଅନେକ ଗୁରୁତ୍ୱ ବହନ କରୁଛି। ଜିଲ୍ଲା ଓ ରାଜ୍ୟ ପୁଲିସ୍ ପ୍ରଶାସନ ଏହି ଟିମ୍‌କୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବା  ସହ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିଥିଲେ। ପୁରୀ ରଥଯାତ୍ରାରେ ଦେଶବିଦେଶରୁ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଯାଞ୍ଚ କରାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ମକ୍‌କା ପ୍ରକ୍ରିୟାକରଣ

**ନବରଙ୍ଗପୁର** ଜିଲ୍ଲାରେ ମକ୍‌କା ପ୍ରକ୍ରିୟାକରଣ କାରଖାନା ସ୍ଥାପନ କରିବା ନେଇ ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା କହିଛନ୍ତି। ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ଆଜି ଶ୍ରୀ ଆହୂଜା ଜିଲ୍ଲାରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସହିତ ଗମନାଗମନ, ସ୍ୱାସ୍ଥ୍ୟ, ମୌଳିକ ସୁବିଧା ଆଦି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।  ମୁଖ୍ୟ ଶାସନ ସଚିବଙ୍କ ସୂଚନା ଅନୁସାରେ, ନବରଙ୍ଗପୁର ଜିଲ୍ଲାରେ ପ୍ରଚୁର ପରିମାଣରେ ମକ୍‌କା ଚାଷ ହୋଇଥାଏ। ଜନଜାତି ଜୀବିକା ମିଶନ ଜରିଆରେ ମକକା ଓ ସୂର୍ଯ୍ୟମୁଖୀ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ଆହୂଜା ଜିଲ୍ଲାର

ପାପଡାହାଣ୍ଡି, କୋଷାଗୁମୁଡା ସହିତ ନନ୍ଦାହାଣ୍ଡି ବ୍ଲକ୍‌ର ଡାଇଭଟା ଗ୍ରାମ ଗସ୍ତ କରିଥିଲେ।

## ଶ୍ରୀଅନ୍ନ ଯୋଜନା

**ନୟାଗଡ଼** ଜିଲ୍ଲା ଭାପୁର ବ୍ଲକ୍ କରବରଠାରେ ଶ୍ରୀଅନ୍ନ ଯୋଜନାରେ ମିଲେଟ୍ ଖାଦ୍ୟ ମହୋତ୍ସବକୁ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଛନ୍ତି। ବାଲୁଙ୍କେଶ୍ୱର ଦେବ କୃଷକ ଉତ୍ପାଦକ ସଂଗଠନ ଓ ନିଗମ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ସୁଭଦ୍ରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସ୍ଥାନୀୟ ବଜାରରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀ ବିକ୍ରୟ କେନ୍ଦ୍ର ଆରମ୍ଭ କରିଛନ୍ତି।

## ସମୀକ୍ଷା

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ମୌସୁମୀ ସାହୁ ଆଜି **ବୌଦ୍ଧ** ଜିଲ୍ଲା ଗସ୍ତ କରି ସ୍କୁଲ ପିଲାମାନଙ୍କର ଅଧାରୁ ପାଠପଢ଼ା ଛାଡିବା ନେଇ ଚାଲିଥିବା ସର୍ଭେର ସମୀକ୍ଷା କରିଛନ୍ତି। ବୌଦ୍ଧ ସହରର ମର୍ଯ୍ୟାକୁଦ, ନୂଆସାହି ଓ ପଲାସ ଗ୍ରାମକୁ ଯାଇ ସର୍ଭେର ତଦାରଖ କରିଥିଲେ।

# ସିପିଇଟି

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ପି.ଜି. ପାଠ୍ୟକ୍ରମରେ ନାମଲେଖା ପାଇଁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-ସିପିଇଟି ୨୦୨୫ ପ୍ରବେଶିକା ପରୀକ୍ଷା ଗତକାଲିଠାରୁ ଆରମ୍ଭ ହୋଇ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦିନ ୩ଟି ସିଟିଂରେ ପରୀକ୍ଷା ହେଉଛି । ସୂଚନା ଅନୁସାରେ,

ରାଜ୍ୟରେ ପିଜି ନାମଲେଖା ପାଇଁ ୧୧୬ଟି ଶିକ୍ଷାନୁଷ୍ଠାନରେ ମୋଟ୍ ୨୯ ହଜାର ୭୩୨ଟି ସିଟ୍ ରହିଛି। ଏଥିପାଇଁ ୬୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି।

# ଆଜ୍‌ମା ଦିବସ

ଶ୍ୱାସରୋଗ ପ୍ରତି  ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ବିଶ୍ୱ ଶ୍ୱାସରୋଗ ବା ଆଜ୍‌ମା ଦିବସ ପାଳନ କରାଯାଉଛି । ଚଳିତବର୍ଷର ବାର୍ତ୍ତା ରହିଛି 'ସମସ୍ତଙ୍କ ପାଇଁ ଶ୍ୱାସ ଉପଚାର ଉପଲବ୍ଧ କରାଇବା'। ଏହି ରୋଗରୁ ଉପଶମ ପାଇବା ନିମନ୍ତେ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତା ରହିଛି। ଆଜ୍‌ମା ଦିବସରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ରୋଗର କାରଣ/ନିରାକରଣ  ସମ୍ପର୍କରେ **ଡାକ୍ତର ହରିଶ୍ ଚୌଧୁରୀ** କହନ୍ତି...

**-V/O-***(Dr. Harish Choudhury)*